# NATIONAL NEWS BULLETIN (ODIA)

## 13th May - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ସନ୍ଧ୍ୟା ୫ଟା ସୁଦ୍ଧା ୬୨ ପ୍ରତିଶତରୁ ଅଧିକ ମତଦାନ ।

— ଓଡ଼ିଶାରେ ୬୨ ଦଶମିକ ୯/୬ ପ୍ରତିଶତ ମତଦାନ ସୂଚନା ।

- ଲୋକସଭା ନିର୍ବାଚନର ଶେଷ ୩ଟି ପର୍ଯ୍ୟାୟ ପାଇଁ ପ୍ରଚାର ଜୋର୍‌ଦାର୍ ।

- ସି.ବି.ଏସ୍.ଇ. ପକ୍ଷରୁ ଆଜି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ; ଦ୍ୱାଦଶରେ ପାସ୍ ହାର ୮୭ ଦଶମିକ ୯/୮ ଓ ଦଶମରେ ୯୩ ଦଶମିକ ୬ ପ୍ରତିଶତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଅହମ୍ମଦାବାଦଠାରେ ଆଉ କିଛି ସମୟ ପରେ ଗୁଜୁରାଟ୍ ଟାଇଟନ୍‌ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମୁକାବିଲା ।

## ଫୋର୍ଥ ଫେଜ୍ ଇଲେକ୍‌ସନ୍

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ସନ୍ଧ୍ୟା ୫ଟା ସୁଦ୍ଧା ୬୨ ପ୍ରତିଶତରୁ ଅଧିକ ମତଦାନ ହୋଇଥିବା ଜଣାପଡ଼ିଛି । ଏହି ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଆସନରେ ମତଦାନ ହୋଇଛି । ଏଥିରେ ଆନ୍ଧ୍ରପ୍ରଦେଶର ୨୫ଟି, ତେଲେଙ୍ଗାନାର ୧୭ଟି, ଉତ୍ତରପ୍ରଦେଶର ୧୩ଟି, ମହାରାଷ୍ଟ୍ରର ୧୧ଟି, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ, ବିହାରର ୫ଟି ଏବଂ ଝାଡ଼ଖଣ୍ଡ ଓ ଓଡ଼ିଶାର ୪ଟି ଲେଖାଏଁ ଆସନ ରହିଛି। କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ଗୋଟିଏ ଆସନ ପାଇଁ ମଧ୍ୟ ମତଦାନ ଚାଲିଛି।

ଭୋଟ୍ ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିବାବେଳେ କେତେକ ସ୍ଥାନରେ ଏବେ ମଧ୍ୟ ମତଦାନ ଜାରି ରହିଛି ।

ଏହି ପର୍ଯ୍ୟାୟରେ ମୋଟ ୧ ହଜାର ୭୧୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଏହି ପର୍ଯ୍ୟାୟ ନିର୍ବାଚନରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଗିରିରାଜ ସିଂହ, ଅର୍ଜୁନ ମୁଣ୍ଡା, ଜି. କିଶନ ରେଡ୍ଡୀ, ଅଜୟ କୁମାର

ମିଶ୍ର, ଜେଡିୟୁର ରାଜୀବ ରଞ୍ଜନ ସିଂହ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, କଂଗ୍ରେସର ଅଧୀର ରଞ୍ଜନ ଚୌଧୁରୀ, ଟିଏମସିର ମହୁଆ ମୋଇତ୍ରା ଓ ଶତ୍ରୁଘ୍ନ ସିହ୍ନା ଏବଂ ଏ.ଆଇ.ଏମ୍.ଆଇ.ଏମ୍.ର ଅସଦୁଦ୍ଦିନ ଓୱେସି ପ୍ରମୁଖ ପ୍ରାର୍ଥୀ ଥିଲେ ।

## ଭୋଟିଙ୍ଗ୍ ପର୍ସେଣ୍ଟେଜ୍

ଲୋକସଭା ନିର୍ବାଚନରେ ଚତୁର୍ଥ ପର୍ଯ୍ୟାୟ ମତଦାନରେ ଆଜି ସନ୍ଧ୍ୟା ୫ଟା ସୁଦ୍ଧା ୬୨ ପ୍ରତିଶତରୁ ଅଧିକ ମତଦାନ ହୋଇଛି । ପଶ୍ଚିମବଙ୍ଗରେ ଛସ୍ତରି ପ୍ରତିଶତ, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରପ୍ରଦେଶରେ ୬୮ ପ୍ରତିଶତରୁ ଅଧିକ, ଝାଡ଼ଖଣ୍ଡରେ ୬୩ ପ୍ରତିଶତରୁ ଅଧିକ, ଓଡ଼ିଶାରେ ୬୩ ପ୍ରତିଶତ ଏବଂ ତେଲେଙ୍ଗାନାରେ ୬୧ ପ୍ରତିଶତରୁ ଅଧିକ ରହିଥିବା ସୂଚନା ମିଳିଛି । ସେହିପରି ଉତ୍ତରପ୍ରଦେଶରେ ୫୬ ପ୍ରତିଶତରୁ ଅଧିକ ମତଦାନ ହୋଇଥିବାବେଳେ ବିହାରରେ ୫୪ ପ୍ରତିଶତରୁ ଅଧିକ, ମହାରାଷ୍ଟ୍ରରେ ୫୨ ପ୍ରତିଶତରୁ ଅଧିକ ଏବଂ ଜମ୍ମୁ-କଶ୍ମୀରରେ ପ୍ରାୟ ୩୬ ପ୍ରତିଶତ ମତଦାନ ହୋଇଛି। ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ୬୮ ପ୍ରତିଶତ ମତଦାନ ହୋଇଥିବାବେଳେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ପାଖାପାଖି ୬୩ ପ୍ରତିଶତ ମତଦାନ ହୋଇଛି ।

# ଓଡ଼ିଶା ଇଲେକ୍‌ସନ୍ ଅପ୍‌ଡେଟ୍‌ସ୍

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଲୋକସଭା ଓ ବିଧାନସଭା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ସନ୍ଧ୍ୟା ୫ଟା ସୁଦ୍ଧା ୬୨ ଦଶମିକ ୯/୬ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଏବେ ମଧ୍ୟ କେତେକ ବୁଥ୍‌ରେ ଭୋଟ୍‌ଗ୍ରହଣ ଚାଲିଥିବାରୁ ମତଦାନ ହାର ବୃଦ୍ଧି ପାଇବା ଆଶା କରାଯାଉଛି । ଆଜି ଏହି ପର୍ଯ୍ୟାୟରେ ୪ଟି ସଂସଦୀୟ କ୍ଷେତ୍ର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସମେତ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ନିମନ୍ତେ ଭୋଟ୍‌ଗ୍ରହଣ କରାଯାଇଥିଲା । ଲୋକସଭା ଆସନପାଇଁ ୩୭ ଜଣ ଏବଂ ୨୮ଟି ବିଧାନସଭା ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇ.ଭି.ଏମ୍.ରେ ବନ୍ଦ ହୋଇଛି ।

ଆଜିର ଲୋକସଭା ନିର୍ବାଚନରେ ବିଜେପିର ପ୍ରଦିପ ପାଣିଗ୍ରାହୀ, ବିଜେଡିର ଭୃଗୁ ବକ୍ସିପାତ୍ର ଓ ପ୍ରଦୀପ ମାଝୀ ଏବଂ କଂଗ୍ରେସର ସପ୍ତଗିରି ଉଲାକା ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବିଧାନସଭା ପାଇଁ ଓଡ଼ିଶା କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ତାରା ପ୍ରସାଦ ବାହିନୀପତି ଓ ବିଜୟ ପଟ୍ଟନାୟକ, ଜଗନ୍ନାଥ ସାରକା, ବିଜେଡିର

ଦିବ୍ୟ ଶଙ୍କର ମିଶ୍ର ଓ ରାଜେନ୍ଦ୍ର ଢୋଲକିଆ ଏବଂ ବିଜେପିର ପ୍ରଦୀପ୍ତ ନାୟକଙ୍କ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## କୋରାପୁଟ୍ ଇଲେକ୍ସନ

ଓଡ଼ିଶାର ୯ଟି ଜିଲ୍ଲାରେ ଆଜି ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । କିଛି ସ୍ଥାନରେ ବର୍ତ୍ତମାନ ସୁଦ୍ଧା ବାକି ଥିବା ମତଦାତାମାନେ ମତଦାନ କରୁଛନ୍ତି । ଆସନ୍ତୁ ଶୁଣିବା କୋରାପୁଟ ଜିଲ୍ଲା ପ୍ରତିନିଧି ଅକ୍ଷୟ କୁମାର ମିଶ୍ର ଏ ସମ୍ପର୍କରେ କଣ କହୁଛନ୍ତି :

***Voice*** :............

## ୱେଷ୍ଟବେଙ୍ଗଲ୍ ପୋଲିଙ୍ଗ୍

ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗର ବୀରଭୂମ ଲୋକସଭା ନିର୍ବାଚନ ମଣ୍ଡଳୀର ୨୫ ନମ୍ବର ମତଦାନ କେନ୍ଦ୍ରର ପୋଲିଂ ଅଧିକାରୀଙ୍କୁ ହଟାଇ ଦେଇଛନ୍ତି । ଜଣେ ବ୍ୟକ୍ତି ବାରମ୍ବାର ମତଦାନ କେନ୍ଦ୍ରଭିତରକୁ ପଶି ଭୋଟରଙ୍କୁ ପ୍ରଭାବିତ କରୁଥିବା ୱେବ୍‌କାଷ୍ଟିଂ ଜରିଆରେ ଦେଖିବା ପରେ କମିଶନ ଏହି

ନିଷ୍ପତ୍ତି ନେଇଥିଲେ । ସେହି ବୁଥ୍‌ର ପ୍ରିଜାଇଡିଂ ଅଧିକାରୀ ଜଣକ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ସୂଚନାଯୋଗ୍ୟ, ଲୋକସଭା ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ସମସ୍ତ ପୋଲିଂ ବୁଥରେ ଓ୍ୱେବକାଷ୍ଟିଂ କରୁଛନ୍ତି ।

## ଇଲେକ୍‌ସନ୍ କ୍ୟାମ୍ପେନିଙ୍ଗ୍

ଲୋକସଭା ନିର୍ବାଚନର ଶେଷ ୩ଟି ପର୍ଯ୍ୟାୟ ପାଇଁ ପ୍ରଚାର ଜୋରସୋରରେ ଚାଲିଛି। ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତାମାନେ ନିଜ ଦଳ ପାଇଁ ସମର୍ଥନ ହାସଲ କରିବା ପାଇଁ ସାଧାରଣ ସଭା ଓ ରୋଡ୍ ସୋ'ମାନ କରୁଛନ୍ତି।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଉତ୍ତର ପ୍ରଦେଶର ବାରାଣସୀରେ ଏକ ବିଶାଳ ରୋଡ୍ ଶୋ' କରିଥିଲେ । ତାଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ମୋଦି ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶ୍ରୀ ମୋଦି ଏବେ ବାରାଣସୀ ଲୋକସଭା ଆସନରୁ ସାଂସଦ ଅଛନ୍ତି । ଆସନ୍ତାକାଲି ସେ ବାରାଣସୀ ଲୋକସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିବେ ।

ଏହା ପୂର୍ବରୁ ଶ୍ରୀ ମୋଦି ବିହାରରେ ଆୟୋଜିତ ଅନେକଗୁଡ଼ିଏ ର୍‍ୟାଲିରେ ଯୋଗଦେବା ସହ ହାଜିପୁର, ମୁଜାଫରପୁର ଓ ସାରଣରେ ଜନସଭାକୁ ସମ୍ବୋଧିତ କରିଥିଲେ। ଦେଶର ବିକାଶ ପାଇଁ ଭୋଟ ଦେବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ, ଆରଜେଡି ଏବଂ କଂଗ୍ରେସ ପରବର୍ତ୍ତୀ ପିଢ଼ି ପାଇଁ ସମ୍ପତ୍ତି ସଂଗ୍ରହ କରିବାରେ ବ୍ୟସ୍ତ ଥିବାରୁ ସେମାନଙ୍କ କଲ୍ୟାଣ ପାଇଁ କେବେ ବି କାମ କରିବେ ନାହିଁ । ଏନଡିଏ ସରକାରରେ ଦେଶର ଅର୍ଥନୀତି ବୃଦ୍ଧି ପାଉଛି ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ବୋଲି ଶ୍ରୀ ମୋଦୀ କହିଥିଲେ । କଂଗ୍ରେସ ଓ ଆରଜେଡି ତୁଷ୍ଟୀକରଣକୁ ରାଜନୀତିର ସବୁଠାରୁ ବଡ଼ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ ।

ଏହା ପୂର୍ବରୁ ଶ୍ରୀ ମୋଦି ପାଟନା ସିଟିର ତଖତ ଶ୍ରୀ ହରିମନ୍ଦିରଜୀ ପାଟଣା ସାହିବ ପରିଦର୍ଶନ କରିଥିଲେ । ତଖତ ଶ୍ରୀ ପାଟଣା ସାହିବକୁ ତଖତ ଶ୍ରୀ ହରିମନ୍ଦିରଜୀ ପାଟଣା ସାହିବ ମଧ୍ୟ କୁହାଯାଏ । ଶିଖ ସମ୍ପ୍ରଦାୟର ପାଞ୍ଚଟି ତଖତ ମଧ୍ୟରୁ ଏହା ଅନ୍ୟତମ ।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆଜି ଉତ୍ତରପ୍ରଦେଶର ରାଏବରେଲିରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି। କେନ୍ଦ୍ରରେ କଂଗ୍ରେସ-ଇଣ୍ଡି ମେଣ୍ଟ କ୍ଷମତାକୁ ଆସିଲେ ପ୍ରଥମେ ଗରିବ ଚାଷୀଙ୍କ ଋଣ ଛାଡ଼ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ବିଜେପିର ବରିଷ୍ଠ ନେତା ଅମିତ ଶାହା ଆଜି ମହାରାଷ୍ଟ୍ରର ଧୁଲେରେ ଏକ ରାଲିକୁ ସମ୍ବୋଧିତ କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନଡିଏ ସରକାର କ୍ଷମତାକୁ ଫେରିଲେ ଦେଶ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ ହେବ ବୋଲି ସେ କହିଛନ୍ତି । ୧୦ ବର୍ଷର କଂଗ୍ରେସ ଶାସନରେ ଭାରତୀୟ ଅର୍ଥନୀତି ଏକାଦଶ ସ୍ଥାନରେ ଥିବା ବେଳେ ଏନଡିଏ ସରକାର ଏହାକୁ ପଞ୍ଚମ ସ୍ଥାନକୁ ନେଇଥିଲେ।

## ସି.ବି.ଏସ୍.ଇ. ରେଜଲ୍ଟ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସି.ବି.ଏସ୍.ଇ. ପକ୍ଷରୁ ଆଜି ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ସି.ବି.ଏସ୍.ଇ. ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ମୋଟ ୮୭ ଦଶମିକ ୯/୮ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏହା ପୂର୍ବ ବର୍ଷ ତୁଳନାରେ ଶୂନ ଦଶମିକ ୬/୫ ପ୍ରତିଶତ ଅଧିକ ଅଟେ । ୨୪ ହଜାରରୁ ଅଧିକ ପରୀକ୍ଷାର୍ଥୀ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବାବେଳେ ୧ ଲକ୍ଷ ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ପୁଅଙ୍କ ତୁଳନାରେ ଝିଅଙ୍କ ପାସ୍ ହାର ୬ ଦଶମିକ ୪ ପ୍ରତିଶତ ଅଧିକ ରହିଛି।

ସେହିପରି ଦଶମ ବୋର୍ଡ ପରୀକ୍ଷାରେ ମୋଟ ପାସ୍ ହାର ୯୩ ଦଶମିକ ୬ ପ୍ରତିଶତ ରହିଛି । ଛାତ୍ରୀଙ୍କ ପାସ୍ ହାର ୯୪ ଦଶମିକ ୭/୫ ଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୨ ଦଶମିକ ୭/୧ ରହିଛି। ବୋର୍ଡର ୱେବସାଇଟ, cbse.gov.in, cbseresults.nic.in ସହିତ ଡିଜିଲକର ଏବଂ ଉମଙ୍ଗ ଆପ୍‌ରେ ଫଳାଫଳ ମିଳିପାରିବ ।

## ପି.ଏମ୍. - ସି.ବି.ଏସ୍.ଇ. ରେଜଲ୍ଟ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ, ସି.ବି.ଏସ୍.ଇ.ର ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସଫଳତା ପାଇଁ ସେ ଗର୍ବିତ। ଛାତ୍ରଛାତ୍ରୀଙ୍କ ସଫଳତାରେ ପରିବାର ଓ ଶିକ୍ଷକଙ୍କ ସହଯୋଗକୁ ସେ ପ୍ରଶଂସା କରିଥିଲେ।

## ରୁଷ୍ - ୟୁକ୍ରେନ୍

ୟୁକ୍ରେନର ପୂର୍ବ ଓ ଉତ୍ତର-ପୂର୍ବାଞ୍ଚଳ ସୀମା ନିକଟରେ ପରିବେଶ ଅଶାନ୍ତ ରହିଥିବା ସୂଚନା ମିଳିଛି । ସେଠାରେ ସେନା ଓ ବିରୋଧୀଙ୍କ ମଧ୍ୟରେ

ଲଢ଼େଇ ଚାଲିଛି । ଅନ୍ୟପକ୍ଷରେ ରୁଷ୍ ୟୁକ୍ରେନର ଦ୍ୱିତୀୟ ବୃହତ୍ତମ ସହର ଖାରକିଭ୍ ନିକଟରେ ଥିବା ଉତ୍ତର-ପୂର୍ବ ସୀମାନ୍ତ ସହରରେ ପ୍ରବେଶ କରିଥିବା ଦାବି କରିଛି। ସେଠାରେ ୯ଟି ଗାଁ ଓ ମ୍ୟୁନିସିପାଲିଟିକୁ ନିଜ ଅକ୍ତିଆରକୁ ନେଇଥିବା ରୁଷ୍ କହିଛି ।

ତେବେ ୟୁକ୍ରେନ ରାଷ୍ଟ୍ରପତି ଭାଲ୍‌ଦିମିର ଜେଲେନସ୍କିଙ୍କ କହିବାନୁଯାୟୀ, ୟୁକ୍ରେନର ସୈନିକମାନେ ଋଷର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବାରୁ ପ୍ରବଳ ସଂଘର୍ଷ ଜାରି ରହିଛି। ପ୍ରାୟ ୬,୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

## ପି.ଏମ୍. ମୋଦି - କଂଗ୍ରେସ୍

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି, କଂଗ୍ରେସ କେବେ ବି ବିକାଶକୁ ପ୍ରାଥମିକତା ଦେଇ ନାହିଁ ବରଂ ଭୋଟ ପାଇବା ପାଇଁ ତୁଷ୍ଟୀକରଣ ଉପରେ ଧ୍ୟାନ ଦେଉଛି। ଶ୍ରୀ ମୋଦୀ ଆହୁରି ମଧ୍ୟ କହିଛନ୍ତି, ବିଜେପିର ବିକାଶଭିତ୍ତିକ ଶାସନର ଫଳସ୍ୱରୂପ ପୂର୍ବରୁ ଗରିବ କୁହାଯାଉଥିବା ରାଜ୍ୟଗୁଡ଼ିକ ସମୃଦ୍ଧ ହେଉଛନ୍ତି। ଏକ ଖବରକାଗଜକୁ ସାକ୍ଷାତକାର ଦେଇ ଶ୍ରୀ ମୋଦୀ କହିଛନ୍ତି,

ବିଜେପି ସରକାର ଏପରି ଯୋଜନା ଆଣିଛନ୍ତି, ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ଉପକୃତ କରିଛି ।

ଚଳିତ ଲୋକସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ତୁଷ୍ଟୀକରଣ ଭିତ୍ତିକ ଆଭିମୁଖ୍ୟକୁ ମଧ୍ୟ ଶ୍ରୀ ମୋଦୀ ସମାଲୋଚନା କରିଥିଲେ । ସେ କହିଥିଲେ, ଯେଉଁମାନେ ସଂରକ୍ଷଣ ପାଇବା ଯୋଗ୍ୟ, ସେମାନଙ୍କଠାରୁ ସଂରକ୍ଷଣ ଛଡ଼ାଇ ନେଇ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ଦେବେ।

ଏକ ଘରୋଇ ଟିଭି ଚ୍ୟାନେଲକୁ ଦେଇଥିବା ଏକ ସାକ୍ଷାତକାରରେ ଶ୍ରୀ ମୋଦି କହିଛନ୍ତି, ଉତ୍ତର-ଦକ୍ଷିଣ କାହାଣୀକୁ ଆଗକୁ ବଢ଼ାଇବାକୁ ବିରୋଧୀମାନେ ଜୋରଦାର ପ୍ରୟାସ କରୁଛନ୍ତି; କିନ୍ତୁ ତାଙ୍କୁ ଏବଂ ତାଙ୍କ ଦଳକୁ ସମଗ୍ର ଦେଶରୁ ସମର୍ଥନ ମିଳୁଛି ।

## ଚବାହର ପୋର୍ଟ ଏଗ୍ରୀମେଣ୍ଟ୍

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଆଜି ଇରାନ ଅଭିମୁଖେ ଯାତ୍ରା କରିଛନ୍ତି। ଭାରତ ଓ ଇରାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚବାହାର ବନ୍ଦର ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଏହା ଦ୍ୱାରା ଭାରତ ଓମାନ ଉପସାଗରରେ ଇରାନର ଉପକୂଳରେ ଅବସ୍ଥିତ ଦୀର୍ଘ ଦିନଧରି ଚାବାହାର ବନ୍ଦରକୁ ଲିଜ୍‌ରେ ଦେଇପାରିବ। ଏହା

କରାଚି ଏବଂ ପାକିସ୍ତାନର ଗ୍ୱାଦର ବନ୍ଦରକୁ ବାଦ୍ ଦେଇ ଇରାନ ଦେଇ ଦକ୍ଷିଣ ଏସିଆ ଏବଂ ମଧ୍ୟ ଏସିଆ ମଧ୍ୟରେ ଏକ ନୂତନ ବାଣିଜ୍ୟ ମାର୍ଗ ଖୋଲିବ ।

ଅନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡର ଆଇଏନଏସଟିସି ଅଧୀନରେ ଚବାହାର ବନ୍ଦରକୁ ଏକ ପରିବହନ କେନ୍ଦ୍ରରେ ପରିଣତ କରିବାକୁ ମଧ୍ୟ ଭାରତ ଲକ୍ଷ୍ୟ ରଖିଛି।

## ନକ୍ସଲ୍ ଏନ୍‌କାଉଣ୍ଟର୍

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୨ ମହିଳାଙ୍କ ସମେତ ୩ ନକ୍ସଲ ନିହତ ହୋଇଛନ୍ତି। ପୁଲିସ ଅଧୀକ୍ଷକ ନିଲୋତ୍ପାଲ କହିଛନ୍ତି, ଗୁଇନ୍ଦା ସୂଚନା ଅନୁଯାୟୀ ପେରିମିଲି ଡାଲାମର କିଛି ସଦସ୍ୟ ଭାମରାଗଡ଼ା ତାଲୁକାର କଟାରଙ୍ଗଟା ଗାଁ ନିକଟ ଜଙ୍ଗଲରେ କ୍ୟାମ୍ପ କରି ପ୍ରତିଶୋଧମୂଳକ ଆକ୍ରମଣ କରିବାକୁ ଯୋଜନା କରୁଥିଲେ।

ସେ କହିଛନ୍ତି. ସ୍ୱତନ୍ତ୍ର ନକ୍ସଲ ବିରୋଧୀ ଅଭିଯାନ ଅଧୀନରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀଶ ଦେଶମୁଖଙ୍କ ନେତୃତ୍ୱରେ ସି-୬୦ ଯବାନଙ୍କ ଦୁଇଟି ଦଳ ପଠାଯାଇଥିଲା। ତଲାସୀ ଅଭିଯାନ ସମୟରେ ନକ୍ସଲମାନେ

ଆଖିବୁଜା ଗୁଳି ଚଳାଇଥିଲେ, ଯାହାର ଜବାବ ଯବାନମାନେ ଦେଇଥିଲେ। ଗୁଳିକାଣ୍ଡ ପରେ ଘଟଣାସ୍ଥଳରୁ ଉଦ୍ଧାର ହୋଇଥିବା ମୃତଦେହ ପେରିମିଲି ଡାଲାମର ଭାରପ୍ରାପ୍ତ ଓ କମାଣ୍ଡର ବାସୁଙ୍କ ବୋଲି ଜଣାପଡ଼ିଛି। ଅନ୍ୟ ଦୁଇ ମହିଳା ମାଓବାଦୀଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ଘଟଣାସ୍ଥଳରୁ ୩ଟି ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର, ଗୋଟିଏ ଏକେ ୪୭ ରାଇଫଲ, ଗୋଟିଏ କାର୍ବାଇନ୍ ଓ ଗୋଟିଏ ଇନସାସ୍ ରାଇଫଲ ଓ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଅହମ୍ମଦାବାଦଠାରେ ଆଉ କିଛି ସମୟ ପରେ ଗୁଜୁରାଟ୍ ଟାଇଟନ୍‌ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମୁକାବିଲା ହେବ । କୋଲକାତା ନାଇଟ୍ ରାଇଡର୍ସ ଏପର୍ଯ୍ୟନ୍ତ ଖେଳିଥିବା ୧୨ଟି ମ୍ୟାଚ୍ ମଧ୍ୟରୁ ୯ଟିରେ ବିଜୟ ସହ ୧୮ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ଥିବା ବେଳେ ଗୁଜରାଟ ଟାଇଟନ୍ସ ୧୨ଟି ମ୍ୟାଚ୍‌ରୁ ୫ଟି ବିଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ଅଷ୍ଟମ ସ୍ଥାନରେ ରହିଛି ।

# ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ଦଳରେ ୬ ଜଣ କୁସ୍ତିଯୋଦ୍ଧା ଭାଗନେବାକୁ ଥିବାବେଳେ ମହିଳା କୁସ୍ତିଯୋଦ୍ଧାମାନେ ୫ଟି କୋଟା ହାସଲ କରିଛନ୍ତି । ତୁର୍କୀର ଇସ୍ତାନବୁଲରେ ଚାଲିଥିବା ବିଶ୍ୱ ଅଲିମ୍ପିକ୍ସ କୁସ୍ତି ଯୋଗ୍ୟତା ପର୍ଯ୍ୟାୟରେ ଅମନ ସେହରାୱତ ଓ ନିଶା ଦହିଆ ଭାରତର କୋଟା ସଂଖ୍ୟା ୬ରେ ପହଞ୍ଚାଇଛନ୍ତି। ଏହା ପୂର୍ବରୁ ୫୦ କିଲୋଗ୍ରାମ୍ ବର୍ଗରେ ଭିନେଶ ଫୋଗାଟ, ୫୩ କିଲୋଗ୍ରାମ୍ ବର୍ଗରେ ଅନ୍ତିମ ପଙ୍ଘାଲ, ୫୭ କିଲୋଗ୍ରାମ୍ ବର୍ଗରେ ଅଂଶୁ ମଲ୍ଲିକ ଓ ଛସ୍ତରି କିଲୋଗ୍ରାମ୍ ବର୍ଗରେ ରିତିକା ହୁଡା ବିଭିନ୍ନ ଯୋଗ୍ୟତା ପର୍ଯ୍ୟାୟରେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

ବଜରଙ୍ଗ ପୁନିଆ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଭାରତୀୟ କୁସ୍ତି ଦଳରେ ସ୍ଥାନ ପାଇ ନ ଥିଲେ। ଅନ୍ୟପକ୍ଷରେ ଟୋକିଓ ଅଲିମ୍ପିକ୍ସରେ ପଞ୍ଚମ ସ୍ଥାନରେ ଥିବା ଦୀପକ ପୁନିଆ ଇସ୍ତାନବୁଲରେ ପୁରୁଷ ୮୬ କିଲୋଗ୍ରାମ୍ ବର୍ଗରେ କୋଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଇସ୍ତାନବୁଲ ପ୍ରତିଯୋଗିତା କୁସ୍ତିଯୋଦ୍ଧାମାନଙ୍କ ପାଇଁ ଶେଷ ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା ପ୍ରତିଯୋଗିତା ଥିଲା।

# ଏସିଆନ୍ ଚାମ୍ପିୟନ୍‌ସିପ୍

ଟ୍ରାମ୍ପୋଲିନରେ ଭାରତର ସୃଷ୍ଟି ଖଣ୍ଡଗାଲେ ଏସୀୟ ଟ୍ରାମ୍ପୋଲିନ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ରେ ପ୍ରଥମ ଭାରତୀୟ ଭାବେ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେ ଗତକାଲି ଚୀନର ହଂକଂରେ ଅନୁଷ୍ଠିତ ଷଷ୍ଠ ଏସୀୟ ଟ୍ରାମ୍ପୋଲିନ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପରେ ମହିଳା ବ୍ୟକ୍ତିଗତ ବୟସ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି।

ତେବେ ସେ ଏକ ବୟସ ବର୍ଗ ଇଭେଣ୍ଟରେ ଭାଗ ନେଉଥିବାରୁ ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି ।

*****